# ୩୦ ଅସହାୟଙ୍କୁ କମ୍ବଳ ବଣ୍ଟନ

ତିହିଡ଼ି,୧୮।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତର ୩୦ଜଣ ଅସହାୟଙ୍କୁ ମଙ୍ଗଳବାର ପଞ୍ଚାୟତ କଂଗ୍ରେସ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଏହି ଅବସରରେ ବାରୋ ଗ୍ରାମରେ ବରିଷ୍ଠ ନେତା ଧ୍ରୁବଚରଣ ସାମନ୍ତରାୟ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ସମେତ ପଞ୍ଚାୟତ କଂଗ୍ରେସ ସଭାପତି ନରହରି ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ପରେ ପଞ୍ଚାୟତର ବିଭିନ୍ନ ୱାର୍ଡର ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଗୁପ୍ତେଶ୍ୱର ନାୟକ, ହେମଲତା ନାୟକ, ପୂର୍ଣ୍ଣେନ୍ଦୁ ବଳ, କାହ୍ନୁଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ୨୪ରୁ ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳା

ଭଦ୍ରକ,୧୮।୧୨(ସନାତନ ରାଉତ)

ଭଦ୍ରକ ବ୍ଲକ ଗେଲପୁର ପଞ୍ଚାୟତର ଭଦ୍ରକ-ଆଖୁଆଡ଼ଣ୍ଡ ରାସ୍ତାର ସାମରାପୁରରେ (ନୟରା ପେଟ୍ରୋଲ ପମ୍ପ) ନିକଟରେ ଆସନ୍ତା ୨୪ ତାରିଖରୁ ଜାତୀୟସ୍ତରୀୟ ୨ୟ ବାଣିଜ୍ୟ ମେଳା ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଗୁରୁବାର ଭଦ୍ରକ ଜଗନ୍ନାଥପୁରସ୍ଥିତ ମାକ୍ରୋୱେବ ଟେକ୍ନୋଲୋଜି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂଘ ଭଦ୍ରକ ଶାଖା, ଜିଲା ପ୍ରଶାସନର ମିଳିତ ସହଯୋଗରେ ଏହି ମେଳା ହେଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଭୂମି ପୂଜନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ବାଣିଜ୍ୟ ମେଳା କମିଟି କର୍ମକର୍ତ୍ତା।

ଏହି ମେଳାରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ୨୪୦ଟି ଷ୍ଟଲ ସ୍ଥାନ ପାଇବ। ସେଥିରୁ ୬୦ ଷ୍ଟଲ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ଓ ୫୦ଟି ପିଏମ୍ ବିଶ୍ୱକର୍ମା ଷ୍ଟଲ ମେଳାର ମୁଖ୍ୟ ଆକର୍ଷଣ ହେବ। ଏହାବ୍ୟତୀତ ଗ୍ରାମୀଣ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ମେଳାରେ ସ୍ଥାନ ପାଇବ। ଏହି ମେଳାରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ଯାନବାହନ, ମୀନାବଜାର ଓ ବିଭିନ୍ନ ଖାଦ୍ୟ ଷ୍ଟଲ ପଡ଼ିବ। ପ୍ରତି ସନ୍ଧ୍ୟାରେ ଜିଲାର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ବାଣିଜ୍ୟ ମେଳା କମିଟି ସମ୍ପାଦକ ମନୋଜ ରାଉ, ସଭାପତି ସୁଶାନ୍ତ ନାୟକ, ଆବାହକ ସୁରଜ କୁମାର ସାହୁ, ପୃଷ୍ଠପୋଷକ ବସନ୍ତ କୁମାର ରାଉତ, ଶଶୀଶେଖର ବେହେରା, କୋଷାଧ୍ୟକ୍ଷ କମଳାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ସେବା ପ୍ରତି ସମର୍ପିତ ଥିଲେ ଗୋଲକ'


ସଭାରେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗୋଲକ ଚନ୍ଦ୍ର ସାମଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ତିହିଡ଼ି,୧୮।୧୨(ସଞ୍ଜିତ ବଳ)

ଗ୍ରାମାଞ୍ଚଳର ଅବହେଳିତ ଲୋକଙ୍କ ସେବାକୁ ପ୍ରାଥମିକତା ଦେଇ ପୂର୍ବତନ ସରପଞ୍ଚ ତଥା ସମାଜ ସଂସ୍କାରକ ସ୍ୱର୍ଗତ ଗୋଲକ ଚନ୍ଦ୍ର ସାମଲ ଜୀବନର ଶେଷ ପର୍ଯ୍ୟନ୍ତ ସେବା କାର୍ଯ୍ୟ କରୁଥିଲେ। ଜଣେ ଆଦର୍ଶ ଚିକିତ୍ସକ ଭାବେ ସେ ଦୀର୍ଘ ୫ ଦଶନ୍ଧି ଧରି ବୋଡ଼କ ତଥା ଆଖପାଖ ପଞ୍ଚାୟତର ରୋଗୀସେବା ମାଗଣାରେ କରିଆସୁଥିଲେ। ସେବା ପାଇଁ ସମର୍ପିତ ସ୍ୱର୍ଗତ ସାମଲ ଚିରସ୍ମରଣୀୟ ରହିବେ ବୋଲି ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତ ଅଧୀନ ବଢ଼େଇଗଡ଼ିଆ ଗ୍ରାମରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ସାମଲଙ୍କ ଏକାଦଶାହ ଅବସରରେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ବିଜୟ ନାୟକ, ରାଜେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବତନ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, କବି ହୃଦାନନ୍ଦ ପାଣିଗ୍ରାହୀ, ଜୟକୃଷ୍ଣ ସାମଲ, ଭାଜପା ନେତା ଅଜୟ କୁମାର ନାୟକ, ଦେବେନ୍ଦ୍ର ପୁହାଣ, ପ୍ରମୋଦ ଦାସ, ଭରତ ଚନ୍ଦ୍ର ସାହୁ, ସରପଞ୍ଚ ସୁବାଶିଷ ଜେନା, ସମିତିସଭ୍ୟ ଜୟପ୍ରକାଶ ମଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ସ୍ମୃତିଚାରଣ କରିଥିଲେ। ରାଜ୍ୟ କଳାକାର ସଂଘ ସଂଯୋଜକ କାଳନ୍ଦୀ ମଲ୍ଲିକ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, ବଂଶୀଧର ଦାସ, ରୁପେଶ ସାହୁ, ଶ୍ରୀନାଥ ମଲିକ, ବିଲଣା ସମିତିସଭ୍ୟ ଭାଗୀରଥି ମଲିକ, ଗଣେଶ ନାୟକ, ପ୍ରତାପ ଜେନା, ଶଶଧର ସାମଲ, ଖବରଦାତା ପ୍ରଭାତ ରାଉଳ, ନରେନ୍ଦ୍ର ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ମନ୍ମଥ କୁମାର ଦାସ ସଭା ସଞ୍ଚାଳନ କରିଥିଲେ। ପାର୍ଥସାରଥୀ ସାମଲ କୃତଜ୍ଞତା ଜଣାଇଥିଲେ। କ୍ଷୀରସିନ୍ଧୁ ବାରିକ, ଦୟାନିଧି ନାୟକ, ପ୍ରଶାନ୍ତ ଖୁଣ୍ଟିଆ, ଦୀପ୍ତେଶ ସାମଲ, ସ୍ମୃତି ରଞ୍ଜନ ସାମଲ, ଗୋଲକ ପ୍ରସାଦ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କ୍ରୀଡ଼ା ଦ୍ୱାରା ଶରୀର, ମନ ସୁସ୍ଥ ରହେ

ଧୁଷୁରୀ, ୧୮।୧୨
(ଦୀପ୍ତିରଞ୍ଜନ ନାୟକ)

କ୍ରୀଡ଼ା ଦ୍ୱାରା ଶରୀର ଓ ମନ ସୁସ୍ଥ ରହିବା ସହ ଛାତ୍ରୀଛାତ୍ରୀଙ୍କ ପାଠପଢ଼ାରେ ସହାୟକ ହୁଏ ବୋଲି ଗୁରୁବାର ଧାମନଗର ବ୍ଲକର ପାଳସାହିସ୍ଥିତ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ କହିଛନ୍ତି। ଅଧ୍ୟକ୍ଷ ନୀହାର ରଞ୍ଜନ କରଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ମୁଖ୍ୟଅତିଥି, ଶିକ୍ଷାବିତ୍ ଗୟାଧର ପଣ୍ଡା ମୁଖ୍ୟବକ୍ତା, ବାବାମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, କବି ତଥା ସଙ୍ଗଠକ ନାରାୟଣ ଚନ୍ଦ୍ର ପାଢ଼ୀ ଓ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଇପ୍ସିତା ବେହେରା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ଲକ୍ଷ୍ମୀଧର ଦାଶ ଅତିଥି ପରିଚୟ, କ୍ରୀଡ଼ା ଶିକ୍ଷକ ଅନିଲ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମନମୋହନ ତ୍ରିପାଠୀ ବେଦପାଠ କରିଥିଲେ। ଅଧ୍ୟାପିକା ଗାୟତ୍ରୀ ମହାନ୍ତି, ଅଧ୍ୟାପକ ସୋମନାଥ ମଲିକ, ପ୍ରିୟଦୀପ ପରିଡ଼ା, ଲୋକନାଥ ସିଂ, ଅଧ୍ୟାପିକା ପୟସତୀ ରାଉତ, କଳ୍ପନା ମଞ୍ଜରୀ ଜେନା, ଆଶାଲତା ବିଶ୍ୱାଳ, ଅଲିଭା ପ୍ରିୟଦର୍ଶିନୀ ଖିଲାର ପ୍ରମୁଖ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ।



ସଭାରେ ଉପସ୍ଥିତ ଅତିଥିମାନେ।

ଭାଜପା କାର୍ଯ୍ୟାଳୟ ଘେରାଉ ପାଇଁ କଂଗ୍ରେସର ଉଦ୍ୟମ

# ଅଧାବାଟରୁ ଅଟକାଇଲା ପୋଲିସ


ଶୋଭାଯାତ୍ରାରେ ଯାଉଥିବାବେଳେ କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକାଉଛି।

ଭଦ୍ରକ,୧୮।୧୨(ସନାତନ ରାଉତ)

ନ୍ୟାଶନାଲ ହେରାଲ୍ଡ ମାମଲାକୁ ବିରୋଧ କରି ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଅପରାହ୍ନ ୪ଟାରେ ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟ ଘେରାଉ ଉଦ୍ୟମ କରାଯାଇଛି। ଜିଲା କଂଗ୍ରେସ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ଆରଡ଼ିଛକସ୍ଥିତ ସର୍କିଟ୍ ହାଉସରୁ ଶୋଭାଯାତ୍ରାରେ ବାହାରି ଭାଜପା ଓ କେନ୍ଦ୍ର ସରକାର ବିରୋଧୀ ନାରାବାଜି କରି ଭାଜପା କାର୍ଯ୍ୟାଳୟ ଘେରିବାକୁ ଯାଉଥିବା ବେଳେ ଅଧାରାସ୍ତାରୁ ପୋଲିସ ଅଟକାଇଛି। ପୋଲିସ ସହ ଠେଲାପେଲା ପରେ ୩୦ରୁ ଉର୍ଦ୍ଧ୍ୱ କଂଗ୍ରେସ ନେତା ଓ କର୍ମୀଙ୍କୁ ପୋଲିସ ଗ୍ରାମାଞ୍ଚଳ ଥାନାକୁ ଉଠାଇ ନେଇ ପରେ ସେମାନଙ୍କୁ ଛାଡ଼ି ଦେଇଛି।

ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଇଡିକୁ ବ୍ୟବହାର କରି ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଛନ୍ଦିଥିଲେ। ସୁପ୍ରିମକୋର୍ଟ ଏହି ମାମଲାରେ କ୍ଲିନ୍‌ଚିଟ୍ ଦେବା ପରେ ସତ୍ୟ ଉନ୍ମୋଚନ ହୋଇଛି ବୋଲି କଂଗ୍ରେସର ଜିଲା ସଭାପତି ମହାନ୍ତି କହିଛନ୍ତି। ଭାଜପାର ଏହି ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଭାଜପା କାର୍ଯ୍ୟାଳୟ ଘେରାଉ କରାଯାଉଥିଲା ବୋଲି ସେ କହିଛନ୍ତି। ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅବଦୁଲ ମୋକିତ ଖାଁ, ଦେବରୂପ ମହାନ୍ତି, ଜିଲା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ପୀତବାସ ଧଳ, ରାଜକିଶୋର ସ୍ୱାଇଁ, ରମେଶ ବେହେରା, ରଜନୀକାନ୍ତ ଚାନ୍ଦ, ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା, ଅମିତାବାଳା ଆଚାର୍ଯ୍ୟ, ସବିତା ଚାନ୍ଦ, ହସିନା ଖାତୁନ, ଲାଲୁ ଖାଁ, ଇଲିଆସ ଅଲି ଖାଁ, ଗୋଲକ ଚନ୍ଦ୍ର ବେହେରା, କାଉନସିଲର ଜାହିଦ ସାହା, ସେକ ସାହିଲ କାଦ୍ରୀ, ଜ୍ୟୋତ୍ସ୍ନାରାଣୀ ଜେନା, ସମିତିସଭ୍ୟ ଗୟାଧର ସେଠୀ, ହାଡ଼ିବନ୍ଧୁ ବିଶ୍ୱାଳ, ଅଜୟ ସାହୁ, ବିଦ୍ୟାଧର ଜେନା, ପ୍ରଦ୍ୟୁମ୍ନ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏଥିରେ ସାମିଲ ଥିଲେ।

# ପ୍ରତିଭା ଦେଖାଇଲେ ୩୨୦ ଛାତ୍ରୀଛାତ୍ର


ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି।

ବାସୁଦେବପୁର,୧୮।୧୨
(କାଳିପଦ ରାୟ/ ନାରାୟଣ ପ୍ରସାଦ ବାରିକ୍)

**ଶିଶୁ ଉତ୍ସବ**

ବାସୁଦେବପୁର ବ୍ଲକ ଅଧୀନ ବିନାୟକପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ୪୨ତମ ବାର୍ଷିକ ଶିଶୁ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ଯୋଗଦେଇ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ଶିଶୁ ଉତ୍ସବର ପ୍ରମୁଖ ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଓଷ୍ଟାର ଜିଲା ସଭାପତି ଶଶୀଶେଖର କରଶର୍ମା, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅମିୟ ମହାଲିକ, ଓଷ୍ଟାର ପୂର୍ବତନ ଜିଲା ସଭାପତି ବିଷ୍ଣୁମୋହନ ସାହୁ, ବିଷ୍ଣୁମୋହନ ଦାଶ, ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ବିନାୟକପୁର ସରପଞ୍ଚ ମଧୁସ୍ମିତା ମଲ୍ଲିକ, ସମିତିସଭ୍ୟା ରଞ୍ଜିତା ମଲ୍ଲିକ, ସିଆର୍‌ସିସି ରବୀନ୍ଦ୍ର ଜେନା, ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପାତ୍ର, ଜ୍ୟୋତିପ୍ରକାଶ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୭ଟି ବିଦ୍ୟାଳୟର ୩୨୦ ଛାତ୍ରୀଛାତ୍ର ତର୍କ, କୁଇଜ୍, ନାଚ, ଏକକ ଅଭିନୟ ଆଦି ୧୦ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରତିଭା ଦେଖାଇଥିଲେ। କମଳାକାନ୍ତ ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅମୂଲ୍ୟ କୁମାର ବାରିକ ଅତିଥି ପରିଚୟ ଦେଇଥିଲେ। ରାମଚନ୍ଦ୍ର ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଇନାଲରେ ହିଟ୍‌ମାଇଣ୍ଡ ଆଗରପଡ଼ା

**ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ବାସୁଦେବପୁର,୧୮।୧୨
(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତର ମୁନୀପଡ଼ିଆଠାରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଛି। ଗୁରୁବାର କ୍ୱାର୍ଟର ଫାଇନାଲରେ ପୁରୀର ହିନ୍ଦ୍ ସ୍ପୋର୍ଟିଂ କ୍ଲବ୍ ଓ ସେମିଫାଇନାଲରେ ଷ୍ଟାର ଇଲେଭେନ ଶିଉଳିଆକୁ ହରାଇ ହିଟ୍‌ମାଇଣ୍ଡ ଆଗରପଡ଼ା ଫାଇନାଲକୁ ଉନ୍ନୀତ ହୋଇଛି। ହିନ୍ଦ ସ୍ପୋର୍ଟିଂ କ୍ଲବ୍ ୮ ଓଭରରେ ୫୪ ରନ୍ କରିଥିବା ବେଳେ ହିଟ୍‌ମାଇଣ୍ଡ ଆଗରପଡ଼ା ମାତ୍ର ଗୋଟିଏ ଉଇକେଟ୍ ହରାଇ ମ୍ୟାଚ୍‌କୁ ଜିତି ନେଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କେ ବି ଫାଇଟର ବାଲେଶ୍ୱରକୁ ହରାଇ ଷ୍ଟାର ଇଲେଭେନ ଶିଉଳିଆ ବିଜୟୀ ହୋଇଥିଲା। ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଗରପଡ଼ା ୮ ଓଭରରେ ୧୦୫ ରନ୍ କରିଥିବା ବେଳେ ଶିଉଳିଆ ବ୍ୟାଟିଂ କରି ୮ ଓଭରରେ ୭୬ ରନ୍ କରି ମ୍ୟାଚ୍ ହାରିଯାଇଥିଲା। ପ୍ରଭଞ୍ଜନ ମହାନ୍ତି, ବିଜୟ କେତନ ମହାନ୍ତି ଓ ପ୍ରତ୍ୟୁଷ ରାୟ ଖେଳ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ନାଗରିକ ମଞ୍ଚ

**ବରପଦା ଇଞ୍ଜିନିୟରିଂ କଲେଜରେ ଅଗଣତାନ୍ତ୍ରିକ ନୀତି ଅଭିଯୋଗ**

ଭଦ୍ରକ,୧୮।୧୨(ସନାତନ ରାଉତ)

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜରେ କର୍ମଚାରୀମାନଙ୍କୁ ନୋଟାରୀ ଆଫିଡେଭିଟ୍‌ରେ ଅଣ୍ଡରଟେକିଂ ଲେଖି ଦସ୍ତଖତ କରିବାକୁ କଲେଜର ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଭଦ୍ରକ ନାଗରିକ ମଞ୍ଚ ଅଭିଯୋଗ କରିଛି। ଉକ୍ତ ଫର୍ମରେ ଲେଖା ଥିବା ସର୍ତ୍ତ ଅନୁସାରେ କର୍ମଚାରୀମାନେ କୌଣସି ଧାରଣା, ଆନ୍ଦୋଳନ, ପ୍ରତିବାଦ କରିପାରିବେ ନାହିଁ। ଅଧିକାରୀଙ୍କ ବିନା ଅନୁମତିରେ କୌଣସି ଅଭିଯୋଗ ନେଇ ଅଧିକାରୀଙ୍କୁ ସାକ୍ଷାତ କରିପାରିବେ ନାହିଁ। ଏହାଦ୍ୱାରା କାର୍ଯ୍ୟରତ କର୍ମଚାରୀଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ କରାଯିବାର ଅପଚେଷ୍ଟା କରାଯାଇଛି ବୋଲି ନାଗରିକ ମଞ୍ଚ ଗତ ୧୬ ତାରିଖରେ ଜାଣିବା ପରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି। ନାଗରିକ ମଞ୍ଚ ପକ୍ଷରୁ ବୁଧବାର ଅପରାହ୍ନ ୧ଟାରେ ଏନେଇ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଏହି କଲେଜ କର୍ମଚାରୀମାନଙ୍କ ଦାବି ଓ ସମସ୍ୟା ପ୍ରତି ଧ୍ୟାନ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ନାଗରିକ ମଞ୍ଚ ସଭାପତି ଯୁଧିଷ୍ଠିର ପଣ୍ଡା, ପୂର୍ବତନ ଛାତ୍ର ଅଜୟ ପଣ୍ଡା, ହରିହର ଜେନା, କର୍ମଚାରୀ ବିଜୟ ରାଉତ, ରଶ୍ମିକାନ୍ତ ପଣ୍ଡା, ଉମାକାନ୍ତ ପଣ୍ଡା, ପ୍ରଫୁଲ୍ଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବ୍ୟାଡ଼ମିଣ୍ଟନରେ ଅଙ୍କିତାଙ୍କ ସଫଳତା

ଭଦ୍ରକ,୧୮।୧୨(ସନାତନ ରାଉତ)


ଅଙ୍କିତା ଦାସ

ବାଲେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ନିକଟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଜୋନ୍ ଅନୁସାରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବାଲେଶ୍ୱର ଜୋନ୍‌ରେ ବ୍ୟାଡ଼ମିଣ୍ଟନ ସିଙ୍ଗଲରେ ବରପଦା ଇଞ୍ଜିନିୟରିଂ କଲେଜର ବିଟେକ୍ ତୃତୀୟ ବର୍ଷ ଛାତ୍ରୀ ଅଙ୍କିତା ଦାସଙ୍କୁ ଆଇଟି ଜୋନ୍ ବିଜେତା ଭାବେ ମଙ୍ଗଳବାର ଘୋଷଣା କରାଯାଇଛି। ଏହି ସଫଳତା ପାଇଁ ବରପଦା ଇଞ୍ଜିନିୟରିଂ କଲେଜର ଖେଳ ଶିକ୍ଷକ ଏସ୍.କେ. ନାସିର ଅଲ୍ଲୀ, କଲେଜର ପୂର୍ବତନ ସଭାପତି ପ୍ରୟାସକାନ୍ତି ସାମଲ, ସମ୍ପାଦକ ମିହିର ମହାନ୍ତି, ଅଧ୍ୟକ୍ଷ ଡ. ଦିଲୀପ କୁମାର ସାହୁ ଏବଂ ଅଧ୍ୟକ୍ଷ ଗଙ୍ଗାଧର ଧଳ ଅଙ୍କିତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଧୁଷୁରୀ,୧୮।୧୨(ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତସ୍ଥିତ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରକ୍ଷାକର ବିଶ୍ୱାଳ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ମଠଡିହ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିଲୀପ ଶେଖର ନାୟକ ଓ ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟିର ବରିଷ୍ଠ ସଭ୍ୟ ଦୀପକ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। କ୍ରୀଡ଼ା ଦ୍ୱାରା ଉଭୟ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଘଟିଥାଏ ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୪୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜୀବ କୁମାର ରାଉତ, ଦୀପ୍ତି ରଞ୍ଜନ ଖିଲାର, ଶିକ୍ଷୟିତ୍ରୀ ମିନତିଲତା ପାକଳ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କ୍ରୀଡ଼ା ଉତ୍ସବରେ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୧୮।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ଜେନାଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧନ କେନ୍ଦ୍ର ସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରୁ ବଦଳି ହୋଇଯାଇଥିବା ଶିକ୍ଷୟିତ୍ରୀ ଜେନାଙ୍କ ସ୍ମରଣୀୟ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଆରତି ରାଉତ ବେଦପାଠ, ଲଳିତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ, ପ୍ରଣତୀ ରାଉତ ମାନପତ୍ର ପଠନ ଓ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସହଯୋଗ ରହିଲେ ଚାଷୀ ଋଣମୁକ୍ତ ହୋଇପାରିବେ

**ବାରସର ସମବାୟ ସମିତିର ବାର୍ଷିକ ସାଧାରଣ ସଭା**

ତିହିଡ଼ି,୧୮।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବାରସର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଗୁରୁବାର ଅପରାହ୍ନରେ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ମାନସ ରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ ଯୋଗଦେଇ ଚାଷୀମାନଙ୍କୁ ଋଣମୁକ୍ତ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିବା ସହ ଲୋକଙ୍କୁ ବ୍ୟାଙ୍କ ସୁବିଧା ପ୍ରଦାନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ଚକ୍ରଧର ଦାସ, ପୂର୍ବତନ ସଭାପତି ନୃସିଂହ ମହାକୁଡ଼, କେଶବ ଚନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ଉପସଭାପତି ବିଦ୍ୟାବତୀ ମହାନ୍ତି, ବୋର୍ଡ ସଦସ୍ୟା ଶ୍ରଦ୍ଧାଞ୍ଜଳି ମିଶ୍ର, ସଦସ୍ୟ କାହ୍ନୁଚରଣ ଦାସ, ଦୀନବନ୍ଧୁ ମହାକୁଡ଼, ବିଜୟ କୁମାର ବାରିକ, ନନ୍ଦକିଶୋର ଦାସ, ଅଭିମନ୍ୟୁ ଦାସ, ସୁରେଶ ଦାସ ପ୍ରମୁଖ ଯୋଗଦେଇ ସମିତିର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦିକା ସତ୍ୟଭାମା ବିଶ୍ୱାଳ ସମିତିର ଆୟବ୍ୟୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ଶ୍ରୀଧର ମଲିକ, ପୂର୍ବତନ ସମିତିସଭ୍ୟ ଲିଙ୍ଗରାଜ ନାୟକଙ୍କ ସମେତ ପ୍ରଦୀପ ମିଶ୍ର, ଉପେନ୍ଦ୍ର ବାରିକ, ସରୋଜ ମିଶ୍ର, କେଦାର ମହାପାତ୍ର, ଶାନ୍ତନୁ ଦାସ, ପ୍ରଫୁଲ୍ଲ ରାଉତ, ଦିଲୀପ ମହାନ୍ତି, ହୃଷୀକେଶ ମିଶ୍ର, କୈଳାଶ ପରିଡ଼ା, ବାଇଧର ଦାସ ପ୍ରମୁଖ ଚାଷୀ ମତ ରଖିଥିଲେ।


ସଭାରେ ଉପସ୍ଥିତ ଅତିଥି।

# କେଶରୀ କୁଣ୍ଡ ମକର ମେଳା ପ୍ରସ୍ତୁତି ବୈଠକ

ଚମ୍ପୁଆ, ୧୮।୧୨ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ସରେଇ କେଶରୀ କୁଣ୍ଡଠାରେ ପ୍ରତ୍ୟକ ବର୍ଷ ଅନୁଷ୍ଠିତ ହୋଇ ଆସୁଥିବା ପ୍ରସିଦ୍ଧ ମକର ମେଳା ନିମନ୍ତେ ବାବା ସୋମନାଥ ଯୁବକ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁ ଭୂଷଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଯାନବାହାନ ପାର୍କିଂ ବ୍ୟବସ୍ଥା, ମେଳା ବସିବା ସ୍ଥାନ, କୁଣ୍ଡ ଅଞ୍ଚଳ ସଫାସୁତରା, ଗମନାଗମନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଅଦି ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ବିଦ୍ୟାଧର ନାଏକ, ସମ୍ପାଦକ ପ୍ରଦୀପ ପତିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କେନ୍ଦୁଝରରେ କଂଗ୍ରେସର ଧାରଣା


ଧାରଣାରେ ବସିଥିବା କଂଗ୍ରେସ ନେତୃବୃନ୍ଦ।

କେନ୍ଦୁଝର, ୧୮।୧୨ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ନ୍ୟାସନାଲ ହେରାଲ୍ଡ ମାମଲାରେ ଦିଲୀ ହାଇକୋର୍ଟ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧିଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏନେଇ ସାରା ଦେଶରେ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ଦେଶରେ ବିଜୟ ଉତ୍ସବ ପାଳନ କରିବା ବଦଳରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଷମା ପ୍ରାର୍ଥନା ମାଗିବାକୁ କଂଗ୍ରେସ କର୍ମୀ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଏମ୍‌ପି ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଘସିପୁରା ପୂର୍ବତନ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, କଂଗ୍ରେସ ନେତା ଲଳିତ ମୋହନ ନାୟକ, ଗୋବିନ୍ଦ ମହାନ୍ତ, ଆର୍ତ୍ତତ୍ରାଣ ଦାସ, ରଘୁନାଥ ପାତ୍ର, କ୍ଷିତିଶ ପାତ୍ର, ସୁଜଳ ସେଠି, ଦିନେଶ ରାଉତ, ଲିନୁ ସିଂହ, ନିର୍ମଳ ନାଏକ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସବିତା ସାହୁ, ସୋନାଲି ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

# ଅଭିଯୁକ୍ତ କୋର୍ଟ ଚାଲାଣ

କେନ୍ଦୁଝର, ୧୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

## ଅତିଥି ଅଧ୍ୟାପିକାଙ୍କ ହତ୍ୟା ଘଟଣା

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ମାଇନିଂରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲ ନିକଟରେ ଏକ ଘରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ପ୍ରିୟଙ୍କା ଦାଶ(୨୫)ଙ୍କ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ରୁଦ୍ରନାରାୟଣ ମିଶ୍ରଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ସେହିପରି ମୃତ ଅଧ୍ୟାପିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହର ବେକ ଏବଂ ଛାତିରେ କ୍ଷତ ଚିହ୍ନ ଥିବାବେଳେ ପାଦରେ ବନ୍ଧା ଚିହ୍ନ ରହିଥିବା ଦେଖିବାକୁ ମିଳିଥିଲା ବୋଲି ତାଙ୍କ ଦାଦା ହେମେନ୍ଦ୍ର ପ୍ରସାଦ ଦାଶ କହିଛନ୍ତି। ଏଣୁ ତାଙ୍କ ଝିଆରୀକୁ ରୁଦ୍ର ନାରାୟଣ ହତ୍ୟା କରିଥିବା ସେ ପ୍ରକାଶ କରିବା ସହ ତାଙ୍କୁ ଫାଶି ଦଣ୍ଡ ଦେବାକୁ ଦାବି କରିଛନ୍ତି। ସେହିପରି ୧୫ ଦିନ ତଳେ ରୁଦ୍ର ନାରାୟଣ ଫୋନ କରି ଅଧ୍ୟାପିକାଙ୍କୁ ବିବାହ କରିବା ପାଇଁ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ବୟସ ବ୍ୟବଧାନ ଥିବାରୁ ଅଧ୍ୟାପିକା ରାଜି ହେଉ ନ ଥିବାରୁ ତାଙ୍କୁ ମନାଇବା ପାଇଁ କହିଥିଲେ।

ଅନ୍ୟପକ୍ଷରେ ଉଭୟ ପ୍ରାୟ ୧ ବର୍ଷ ହେବ ଲିଭ୍ ଇନ୍ ରିଲେସନରେ ରହୁଥିଲେ। ବୁଧବାର ଅଭିଯୁକ୍ତଙ୍କ ଘରୁ ମୃତଦେହ ମିଳିଲା। ମୃତ ଅଧ୍ୟାପିକାଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ କରିବା ପରେ ଅଭିଯୁକ୍ତ ରୁଦ୍ର ନାରାୟଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ସୁଦର୍ଶନ ଗାଗୋଇ କହିଛନ୍ତି। ସୂଚନାଯୋଗ୍ୟ, ରୁଦ୍ରନାରାୟଣ ଜଣେ ଆଇନଜୀବୀ ତଥା କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର କୋଷାଧ୍ୟକ୍ଷ ଅଛନ୍ତି। ତାଙ୍କର ନିଜ ଘର ପୁରୁଣା ସହରରେ ହୋଇଥିବାବେଳେ ସେ ଗତ କିଛି ବର୍ଷ ହେବ ନିର୍ମଳା କନଭେଣ୍ଟ ସ୍କୁଲ ନିକଟରେ ଏକୁଟିଆ ଅନ୍ୟ ଏକ ଘରେ ରହୁଥିଲେ। ଅତିଥି ଅଧ୍ୟାପିକା ଜଣକ ସେହି ଘରେ କିଛି ମାସ ହେବ ରହୁଥିଲେ।

# ସିରିଜ ଦୁର୍ଘଟଣା, ୩୦ରୁ ଊର୍ଦ୍ଧ୍ୱ ଆହତ

ଆନନ୍ଦପୁର, ୧୮।୧୨ (ସୁଶାନ୍ତ କୁମାର ସାହୁ)

୨୦ନଂ. ଜାତୀୟ ରାଜପଥର କୋଲିମାଟି ଛକ ନିକଟରେ ସିରିଜ ଦୁର୍ଘଟଣା ଘଟି ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଘଟଗାଁ ତାରିଣୀ ଦର୍ଶନ ସାରି ତୀର୍ଥଯାତ୍ରୀ ବସ୍ ଫେରୁଥିବା ବେଳେ ଟ୍ରକ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିବା ପରେ ଗୁରୁତର ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଘସିପୁରା ପୋଲିସ ଟ୍ରକକୁ ଜବତ କରିଛି।

ପୁରୀ ରାମଚଣ୍ଡୀ ଥାନା ଛାଇତନା ଅଞ୍ଚଳର କେତେଜଣ ଯାତ୍ରୀ ବସ୍ ଯୋଗେ ଘଟଗାଁ ମା' ତାରିଣୀଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସେମାନେ ଫେରୁଥିବା ବେଳେ କୋଲିମାଟି ନିକଟରେ ବସ୍‌କୁ ରାସ୍ତା ପାର୍ଶ୍ୱରେ ରଖି ବିଶ୍ରାମ ନେଉଥିଲେ। ପଛରୁ ଆସୁଥିବା ଏକ ଟ୍ରକ ଗୋଟିଏ କାର୍‌କୁ ଧକ୍କା ଦେଇ ବସ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଜୋରରେ ଥିଲା ଯେ, ବସ୍‌ଟି ଆଗରେ ଠିଆ ହୋଇଥିବା ଆଉ ଗୋଟିଏ ଟ୍ରକ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ସମୟରେ ବସ୍‌ର ୪ଜଣ ଯାତ୍ରୀ ନିକଟସ୍ଥ କୋଲିମାଟି ସାପ୍ତାହିକ ହାଟକୁ ଯାଇଥିବା ବେଳେ ସେମାନେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ସଫେଇ କର୍ମଚାରୀମାନେ।

କେନ୍ଦୁଝର, ୧୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝରଗଡ ପୌରପାଳିକାର ୱାର୍ଡ ନଂ. ୧୫ରୁ ୨୧ନଂ. ପର୍ଯ୍ୟନ୍ତ କାମ କରୁଥିବା ସଫେଇ କର୍ମଚାରୀ ୨ ମାସର ଦରମା ନ ମିଳିବା ପ୍ରତିବାଦରେ କାର୍ଯ୍ୟବନ୍ଦ କରି ପ୍ରତିବାଦ କରିଛନ୍ତି। ଫଳରେ ୨ ଦିନ ହେବ ୭ଟି ୱାର୍ଡରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। ୭୪ଜଣ ସଫେଇ କର୍ମଚାରୀ ଫେମସ ସିକ୍ୟୁରିଟି ଲିଃ ଅଧୀନରେ କାମ କରୁଛନ୍ତି। ଠିକାଦାର ସେମାନଙ୍କୁ ୨ ମାସର ଦରମା ଦେଇ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଠିକାଦାର ସଫେଇ କର୍ମଚାରୀଙ୍କ ଦରମା ବାବଦକୁ ଅର୍ଥ ପୌରପାଳିକାରୁ ପାଇ ନ ଥିବା ଠିକା ସଂସ୍ଥାର ସୁପରଭାଇଜର ପ୍ରକାଶ କରିଛନ୍ତି। ୨ ମାସ ଧରି ଦରମା ମିଳି ନ ଥିବାରୁ ବହୁ ଅସୁବିଧାରେ ଥିବା ସଫେଇ କର୍ମଚାରୀମାନେ କହିଛନ୍ତି। ଏପରିକି ପରିବାର ପ୍ରତିପୋଷଣ, ଘରଭଡା, ପିଲାଙ୍କ ପାଠ ପଢା ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଅର୍ଥ ନ ଥିବାରୁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପାଳିକା ପକ୍ଷରୁ ପ୍ରତିଶ୍ରୁତି ପରେ ମଧ୍ୟ ଗୁରୁବାର ଦରମା ମିଳି ନ ଥିବାରୁ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ସେମନେ ଚେତାବନୀ ଦେଇଛନ୍ତି।

# ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନକଲେ ମୁଖ୍ୟଯନ୍ତ୍ରୀ

ଚମ୍ପୁଆ, ୧୮।୧୨ (ମହେଶ୍ୱର ଦାସ)

ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଜଳପ୍ରଭାରୀ ଅବିନାଶ ରାଉଳ ଗୁରୁବାର ଚମ୍ପୁଆ ବ୍ଲକ୍‌ର ଇଚିଣ୍ଡା ଗ୍ରାମରେ ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ଉପକୃତ ହେଉଥିବା ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟଯନ୍ତ୍ରୀ ରାଉଳ ଗୁରୁବାର ଅପରାହ୍ନରେ ଇଚିଣ୍ଡାଠାରେ ପହଞ୍ଚି ଉକ୍ତ ଅଞ୍ଚଳର ସଫଳ ଚାଷୀ ପ୍ରମୋଦ ମହାନ୍ତଙ୍କ ଚାଷ ବୁଲି ଦେଖିବା ସହିତ ଚାଷର ପ୍ରଣାଳୀ, ଅମଳ, ବିକ୍ରି ଆଦି ଉପରେ ଆଲୋଚନା କରି ଖୁସିପ୍ରକଟ କରିଥିଲେ। ଚାଷୀ ପ୍ରମୋଦ ମହାନ୍ତ ଅନ୍ୟ ଏକ ପ୍ଲଟ ପାଇଁ ନୂତନ ବୋରୱେଲ ପ୍ରଦାନ ପାଇଁ ଅନୁରୋଧ କରିଥିବା ବେଳେ ସମସ୍ୟା ସମାଧାନ କରାଯିବ ବୋଲି ସୂଚନା ଦେଇଥିଲେ। ଗୋଟିଏ ପ୍ରକଳ୍ପ ଦ୍ୱାରା ଅଧିକ ଜମି ଚାଷ କିପରି ହେଉଛି ସେନେଇ ରାହୁଲ ପ୍ରଶ୍ନ କରିବାରୁ ଚାଷୀ ବୁନ୍ଦା ଜଳସେଚନ ଦ୍ୱାରା ଚାଷ କରାଯାଏ ବୋଲି ସୂଚନା ଦେଇଥିଲେ। ଏହି ପରିଦର୍ଶନ ସମୟରେ ନିର୍ବାହୀଯନ୍ତ୍ରୀ କେନ୍ଦୁଝର ନିମାଇ ଚରଣ ବେହେରା, ସହକାରୀ ଯନ୍ତ୍ରୀ ବୁଧୁରାଇ ସାଙ୍ଗେ ସାମଦ ପ୍ରମୁଖ ଉପସ୍ଥିତ ଥିଲେ।


ମୁଖ୍ୟଯନ୍ତ୍ରୀ ଅବିନାଶ ରାଉଳ ସମୀକ୍ଷା କରୁଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ବଉଳା, ୧୮।୧୨ (ଦୁର୍ଗାପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଧନୁର୍ଜୟପୁର ପଞ୍ଚାୟତର ବଉଳା ଗୋପବନ୍ଧୁ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସରପଞ୍ଚ ସର୍ଦ୍ଦାର ହୋ, ମୁଖ୍ୟବକ୍ତା ବଉଳା ଫାଣ୍ଡି ଅଧିକାରୀ ଜତିନ୍ କୁମାର ପାତ୍ର ଓ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଚନ୍ଦନ କୁମାର ଶଙ୍ଖୁଆ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇଥିଲା। ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି କ୍ରୀଡ଼ା ଶପଥ ନେଇଥିଲେ। ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସହକାରୀ ଶିକ୍ଷକ ଅନାମ ଚରଣ ପରିଡ଼ା, ଜିତ୍ ରଞ୍ଜନ ଭୋଳ ଓ ରଶ୍ମି ରଞ୍ଜିତା ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। କମିଟି ସଭାପତି କ୍ଷେତ୍ରବାସୀ ବାରିକ୍, ପ୍ରଧାନଶିକ୍ଷକ ସାହୁ ଓ ଖବରଦାତା ଗୋପଳ ରାଉତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥିଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

# କାଠ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

ଢେଙ୍କିକୋଟ, ୧୮।୧୨ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ୍ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ଜାତୀୟ ରାଜପଥ ୨୨୦ ନଂ. ଦେଇ ଯାଉଥିବା ଏକ କାଠ ବୋଝେଇ ଟ୍ରକ୍‌କୁ ବୁଧବାର ରାତି ୧୦ଟାବେଳେ ଧନୁର୍ଜୟପୁରଠାରେ ବନ ବିଭାଗ ଜବତ କରିଛି। ଡିଏଫ୍‌ଓ ଏଚ୍‌ଡି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ଜବତ ଟ୍ରକ୍‌କୁ ନରଣପୁରସ୍ଥିତ ସେଣ୍ଟ୍ରାଲ ଡିପୋକୁ ନିଆଯାଇଛି। ଟ୍ରକ୍‌ରେ ଥିବା ୩୩ ମେଟ୍ରିକ୍ ଟନ୍ ୟୁକାଲିପଟାସ କାଠ ଜବତ ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ହରିଚନ୍ଦନପୁର ରେଞ୍ଜ୍ ଅଞ୍ଚଳରୁ ବେଆଇନ କାଠ ବୋଝେଇ ଏକ ୧୬ ଚକିଆ ଟ୍ରକ୍ (ଓଡି୦୯ଏବି-୨୨୩୫) ପାଲ ବନ୍ଧା ହୋଇ ଢେଙ୍କିକୋଟ ଦେଇ ୨୨୦ ନଂ. ଜାତୀୟ ରାଜପଥ ରାଞ୍ଚି ବିଜୟୱାଡା ରାସ୍ତାରେ ଯିବା ନେଇ ଡିଏଫ୍‌ଓ ବିଶେଷ ସୂତ୍ରରୁ ଖବର ପାଇଥିଲେ। ସେ ଘଟଗାଁ ରେଞ୍ଜର ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେବା ପରେ ରେଞ୍ଜର ଘଟଗାଁ ବନ ବିଭାଗ କର୍ମଚାରୀ ଏବଂ ଢେଙ୍କିକୋଟ ଫରେଷ୍ଟର ଅକ୍ଷୟ କୁମାର ମହାନ୍ତି, ଷ୍ଟାଫ୍, ପାରାଷ୍ଟାଫ ଢେଙ୍କିକୋଟଠାରେ ଜଗି ରହିଥିଲେ। ମାତ୍ର ଟ୍ରକ୍‌ଟି ଦ୍ରୁତଗତିରେ ଢେଙ୍କିକୋଟ ପାର୍ ହୋଇଯିବା ପରେ ୭ କି.ମି. ଦୂର ଧନୁର୍ଜୟପୁର ନିକଟରେ ସେମାନେ ଅଟକାଇଥିଲେ। ସବୁଆଡୁ ଘେରିଯିବାରୁ ଡ୍ରାଇଭର ଖସି ଯାଇପାରି ନ ଥିବାବେଳେ କାଠ ନେଇ ଯାଉଥିବା ଚୋରା ଚାଲାଣକାରୀମାନେ ଫେରାର ହୋଇଯାଇଥିଲେ। ଗିରଫ ଡ୍ରାଇଭର ହେଲେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରର ଶୈଳେନ୍ଦ୍ର ଲୋହାର। କାଠ କୋଲକାତାକୁ ଚାଲାଣ ହେଉଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଜବତ କାଠର ଆନୁମାନିକ ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଦୈନିକ ଶତାଧିକ ଗଛ ଚୋରା ଚାଲାଣକାରୀମାନଙ୍କ ଦ୍ୱାରା କଟାଯାଇ ରାଜ୍ୟ ବାହାରକୁ ଚାଲାଣ ହେଉଛି। ଏଥିପ୍ରତି ଡିଏଫ୍‌ଓ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଝାରପୋଖରିଆ, ୧୮।୧୨ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ୍ ଅଧୀନ ଝାରପୋଖରିଆଠାରେ ଥିବା ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚର ଏକ ଜରୁରୀ କାଳୀନ ବୈଠକ ଗୁରୁବାର ପୂର୍ବାହ୍ନ ୧୦ଟାରେ ଝାରପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ପ୍ରତିଷ୍ଠାତା କୈଳାଶ ଚନ୍ଦ୍ର ବସାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଞ୍ଚର ଉପସଭାପତି ଭରତ ଚନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଘାସିରାମ ମହାନ୍ତ ବୈଠକ ପରିଚାଳନା କରିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ମିଶନର ରାଜ୍ୟ ସମ୍ପାଦକ ପ୍ରବୋଧ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚର କର୍ମକର୍ତ୍ତା ମଣ୍ଡଳୀଙ୍କ ସହିତ ଉପଦେଷ୍ଟା ମଣ୍ଡଳୀର ସଭ୍ୟଙ୍କୁ ନେଇ ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚ ଓ ସଦସ୍ୟ ଗଣଙ୍କ ବହୁବିଧ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକ ପରିଚାଳନାରେ ସଦସ୍ୟ ଦୈତାରୀ ମହାନ୍ତ, ଅମୀୟ କୁମାର ଦ୍ୱାରୀ, ହରିଶ୍ଚନ୍ଦ୍ର ମହାନ୍ତ, ରତ୍ନାକର ପରିଡ଼ା, ସୁବୀର କୁମାର ପରିଡ଼ା, କୋଷାଧ୍ୟକ୍ଷ ଅଞ୍ଜନ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ତଥା ଶିକ୍ଷାବିତ୍ ଜୟହରି ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତାମାନେ।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବଉଳା, ୧୮।୧୨ (ଦୁର୍ଗାପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ମରିଗାଁ ପଞ୍ଚାୟତ ଚଣ୍ଡିଆ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍ଷ୍ମୀଧର ଜେନାଙ୍କ ପୁଅ କୃଷ୍ଣଚନ୍ଦ୍ର। ପରିବାର ଲୋକଙ୍କ କହିବା ଅନୁଯାୟୀ, କୃଷ୍ଣଚନ୍ଦ୍ର ବୁଧବାର ଅପରାହ୍ନରେ ନିଜ ଚାଷଜମିରେ ବାଉଁଶ ଦେଇ ଧାନଗଛକୁ ଶୁଆଇ ଦେଉଥିବା ବେଳେ ସେହି ବିଲରେ ପଡ଼ିଯାଇଥିଲେ। କିଛି ସମୟ ପରେ ଧାନକଟା ମେଶିନ ବିଲରେ ପଡ଼ିଥିବା ଲୋକେ ଦେଖିଥିଲେ। ସେମାନେ ଖବର ଦେବା ପରେ ପରିବାର ଲୋକ ସେଠାରେ ପହଞ୍ଚି କୃଷ୍ଣଚନ୍ଦ୍ରଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନା ନେଇଥିଲେ। ସେଠାରେ ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ନନ୍ଦିପଦା ଥାନାରେ ଏକ ଅପମୃତ୍ୟୁ ମାମାଲା(ନଂ. ୧୮/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସାପ କାମୁଡ଼ାରେ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# 'ଆନନ୍ଦପୁରର କଳା, ସଂସ୍କୃତି ଓ ଭାଇଚାରା ମହାନ୍'

## ବାଣିଜ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା

ବାଞ୍ଚୋ, ୧୮।୧୨ (ପ୍ରଦୋଷ ବିଶ୍ୱାଳ)


ମହୋତ୍ସବର ୪ର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

କେନ୍ଦୁଝର ଜିଲା ଆନନ୍ଦପୁର ଷ୍ଟାଡିୟମ୍‌ରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ବୁଧବାର ୪ର୍ଥ ସନ୍ଧ୍ୟା ଥିଲା। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଯୁବନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ନିଜକୁ ଆନନ୍ଦପୁରିଆ ବୋଲି ଗର୍ବ ଅନୁଭବ କରି କହିଥିଲେ, କେନ୍ଦୁଝର ମାଟି ଅନ୍ୟକୁ ଦେଇଛି ବେଶୀ, ପାଇଛି କମ୍। ଆମେ ନିଜ ମାଟି ପାଇଁ କିଛି କରି ନ ପାରିଲେ ଜୀବନର କିଛି ମାନେ ନାହିଁ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇ ଆନନ୍ଦପୁରର ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର, କଟକ ରତ୍ନା ହସ୍ପିଟାଲର ଅଧ୍ୟକ୍ଷ ନଟବର ରଣା, ଓଏମ୍‌ସିର ଏଆର୍‌ଏମ୍ ଅବନୀକାନ୍ତ ପ୍ରଧାନ, ଡିଜିଏମ୍ ଦେବାଶିଷ ସାମଲ, ସିନେତାରକା ପୂର୍ଣ୍ଣେନ୍ଦୁ ଲାଲ ଦତ୍ତ ଯୋଗ ଦେଇଥିଲେ। ଆନନ୍ଦପୁରର କଳା, ସଂସ୍କୃତି ଓ ଭାଇଚାରା ମହାନ୍ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ ମୁମ୍ବାଇରେ ଅବସ୍ଥାପିତ ସମାଜସେବୀ ଡ. ସୁକାନ୍ତି ମିଶ୍ର, ଆକାଶବାଣୀ କେନ୍ଦୁଝରର ସମ୍ପାଦକ ଅନିତା ଟାର୍କି ଓ ବିଶିଷ୍ଟ ଚିତ୍ରଶିଳ୍ପୀ ହରେକୃଷ୍ଣ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ କଟକର ନୃତ୍ୟଶିଳ୍ପୀ ଓ ବଲାଙ୍ଗୀରର ସମ୍ବଲପୁରୀ ସଂଗୀତ ସାଧନା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ସବୁ ମଣ୍ଡି ହେବ ଆଦର୍ଶ ମଣ୍ଡି'

ବାରିପଦା, ୧୮।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସମସ୍ତ ଧାନମଣ୍ଡି ଭିତ୍ତିଭୂମିକୁ ସଜାଡି ଆଦର୍ଶ ମଣ୍ଡି ଭାବେ ପରିଗଣିତ କରିବାକୁ ଯୋଜନା ଆରମ୍ଭ ହୋଇଛି । ୫ବର୍ଷ ମଧ୍ୟରେ ସମସ୍ତ ମଣ୍ଡିକୁ ଆଦର୍ଶ ମଣ୍ଡି ଭାବେ ରୂପାନ୍ତରିତ କରାଯିବା ନେଇ ପ୍ରସ୍ତାବ ଆଗତ ହୋଇଛି । ଅନୁମୋଦନ ହୋଇ ଅନୁଦାନ ଆସିବା ପରେ ସବୁ ମଣ୍ଡିର ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହେବ ।

ଚଳିତ ବର୍ଷ ଜିଲାର ଧାଙ୍ଗଡିଶୋଲକୁ ଆଦର୍ଶ ମଣ୍ଡି ଭାବେ ପରିଣତ କରିବା ପାଇଁ ଯୋଜନା କରାଯାଇଛି । ଏହା ଦ୍ୱାରା ଚାଷୀଙ୍କୁ ଧାନ ରଖିବା ସେଡ୍, ଆଶ୍ରୟସ୍ଥଳ, ସୁରକ୍ଷା ବ୍ୟବସ୍ଥା, ଓଜନ ବ୍ୟବସ୍ଥା, ଉଚ୍ଚ କ୍ଷମତା ସମ୍ପନ୍ନ ଇଣ୍ଟରନେଟ, ଶୌଚାଳୟ ସହ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ୩୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଆସନ୍ତା ଋତୁ ସୁଦ୍ଧା ପୋଡାଡିହା, ବୈଶିଙ୍ଗା, କୁକୁଡଡିହା, ଝିଙ୍କପଦା, ରରୁଆଁ, ଠାକୁରମୁଣ୍ଡାରେ ଆଦର୍ଶ ମଣ୍ଡି ନିମନ୍ତେ ପ୍ରସ୍ତାବ ରହିଛି। ଅନ୍ୟ ପକ୍ଷରେ ରାଇରଙ୍ଗପୁର ଉପଖଣ୍ଡରେ ଜମି ସମସ୍ୟାକୁ ନେଇ ସମସ୍ୟା ଉପୁଜିଛି। ସମସ୍ତ ତହସିଲରେ ରହିଥିବା ମଣ୍ଡି ପାଇଁ ସରକାରୀ ଜାଗା ଚିହ୍ନଟ କରିବାକୁ ଜିଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୨୬ତାରିଖରୁ ଜିଲାରେ ଖରିଫ ଧାନ କିଣା ଆରମ୍ଭ ହେବାକୁ ଯାଉଛି । ଏନେଇ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସରେ ଧାନ କିଣା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ମଣ୍ଡିରେ ଧାନ କିଣାକୁ ସୁବ୍ୟବସ୍ଥିତ କରାଯାଉଥିବା ବେଳେ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ସର୍ଭେରେ ଅଟକିଛି ପାସେଞ୍ଜର ହଲ୍ଟ, ଉଡ଼ନ୍ତା ପୋଲ



ଅନଶନରେ ବସିଥିବା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

ବାଲେଶ୍ୱର,୧୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଓ ନୀଳଗିରି ରୋଡ୍ ରେଲଷ୍ଟେଶନ ମଧ୍ୟରେ ବାଙ୍ଗରା ନିକଟରେ ୧୦ବର୍ଷ ଧରି ଏକ ପାସେଞ୍ଜର ହଲ୍ଟ ଷ୍ଟେଶନ ଓ ଉଡ଼ନ୍ତା ପୋଲ ନିର୍ମାଣ ଦାବି ହୋଇଆସୁଛି। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଧାରଣା ଦିଆଯିବା ଫଳରେ ୨୦୧୮ରେ ବିଭାଗ ତରଫରୁ ସର୍ଭେ ହୋଇଥିଲା। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଦାବି ପୂରଣ ଦିଗରେ ବିଭାଗୀୟ ଉଦାସୀନତା ପ୍ରତିବାଦରେ ବାଙ୍ଗରା ରେଲଷ୍ଟେଶନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ରେଲଷ୍ଟେଶନ ସମ୍ମୁଖରେ ଗୁରୁବାର କର୍ମକର୍ତ୍ତା ଆମରଣ ଅନଶନରେ ବସିଥିଲେ। କମିଟି ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ ଓ ଆବାହକ ବିଧାନଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ମଙ୍ଗ ସିଂ, ସାଧାରଣ ସମ୍ପାଦକ ଅଞ୍ଜନ ନାୟକ, ଦୀପକ ନାୟକ, ପଦ୍ମଲୋଚନ ପାତ୍ର, ସୁଶାନ୍ତ ନାୟକ, ଦୀନବନ୍ଧୁ ପରିଡ଼ା, ସନ୍ନ୍ୟାସୀ ବେହେରା, ଶରତ ସାମଲ, କୃଷ୍ଣଚନ୍ଦ୍ର ପ୍ରଧାନ, ଅଭିଜିତ୍ ନାୟକ, ମୁରଲୀଧର ପାଣି, ରମାକାନ୍ତ ସିଂ, ରାମଚନ୍ଦ୍ର ସ, ଘନଶ୍ୟାମ ପାତ୍ର, ସଞ୍ଜୀବ ନାୟକ, ଲମ୍ବୋଦର ପୁହାଣ, କରୁଣାକର ନାୟକ, ରବୀନ୍ଦ୍ର ବୁଗୁଡ଼ାଇ, ଅଶୋକ ଦାସ ଓ ନିରଞ୍ଜନ ଦାସ ପ୍ରମୁଖ ଅନଶନରେ ବସିଥିଲେ। ଅନଶନସ୍ଥଳରେ ଷ୍ଟେଶନ ପ୍ରବନ୍ଧକ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରେଲରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏଠାରେ ଷ୍ଟେଶନ ଓ ଉଡ଼ନ୍ତା ପୋଲ ନିର୍ମାଣ ହେଲେ ସ୍ଥାନୀୟ ୧୨ଟି ପଞ୍ଚାୟତର ଜନସାଧାରଣ ବାଲେଶ୍ୱର ସହର ମହକୁମାକୁ ଆସି କଟକ, ଭୁବନେଶ୍ୱର ଆଦି ସ୍ଥାନକୁ ଯାତାୟାତ କରିଥାନ୍ତି। ବାଙ୍ଗରାଠାରେ ଷ୍ଟେଶନ ନିର୍ମାଣ ହେଲେ ବାଙ୍ଗରା, କୁରକୁରା, ପାଖରସାଉଁ, ସାଉଁ, ପଳାସପୁର, ଯଜ୍ଞେଶ୍ୱରପୁର, ବସନ୍ତପୁର, ଗେଙ୍ଗୁଟି, ପବିତ୍ରପୁର, ପାଞ୍ଛୁଡ଼ିଆ, ଶାସଙ୍ଗ, ସାରଗାଁ, ଖାନନଗର, ରସାଳପୁର, ବର୍ଦ୍ଧନପୁର, ରଣସାହି ଆଦି ଗ୍ରାମର ୨୫ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ, ଛାତ୍ରୀଛାତ୍ର, ଶିଳ୍ପଦ୍ୟୋଗୀ ଉପକୃତ ହେବେ। ଗତ ୨୦୧୮ ଅକ୍ଟୋବର ୧୫ରେ ସଙ୍ଗଠନ ପକ୍ଷରୁ ରେଲରୋକୋ ଚେତାବନୀ ଦିଆଯାଇଥିଲା। ୨୦୧୮ ଅକ୍ଟୋବର ୧୧ରେ ବାଲେଶ୍ୱର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଡିଆରଏମ୍, ଏସ୍‌ପି, ଉପଜିଲାପାଳ, ତହସିଲଦାର, ଷ୍ଟେଶନ ମ୍ୟାନେଜରଙ୍କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏହାପରେ ସର୍ଭେକ୍ଷଣ କରାଯାଇଥିଲେ ହେଁ ଏଯାବତ୍ ରେଲଷ୍ଟେଶନ ଓ ଉଡ଼ନ୍ତା ପୋଲ ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ଲାଗିରହିଛି।

## ପଞ୍ଚାୟତ ସମ୍ପାଦକ ଶହୀଦ ସ୍ମୃତି କମିଟି ପକ୍ଷରୁ ସ୍ମୃତିଚାରଣ ସଭା

ଖଇରା,୧୮।୧୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ପଞ୍ଚାୟତ ଶହୀଦ ସ୍ମୃତି କମିଟି ଆନୁକୂଲ୍ୟରେ ୩ ଦିବଂଗତ ପଞ୍ଚାୟତ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ସ, ଭୋଳାନାଥ ନାୟକ ଓ ବଳରାମ ସୁତାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ମଙ୍ଗଳବାର ନୟାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାସ୍କର ଚନ୍ଦ୍ର ବାରିକ, କୈଳାସ ଚନ୍ଦ୍ର ପାତ୍ର, ବ୍ରଜେନ୍ଦ୍ର କୁମାର ଭୂୟାଁ, ମିହିର କୁମାର ନାୟକ, ଶ୍ରୀଧର ସାମଲ, ରଞ୍ଜନ କୁମାର ପାଣିଗ୍ରାହୀ, ବିବେକାନନ୍ଦ ମହାନ୍ତି, ସନ୍ତୋଷ କୁମାର ଶତପଥୀ, ଜଗତାନନ୍ଦ ମହାପାତ୍ର, ମାନସ କୁମାର ମହାପାତ୍ର, ଜନ୍ମେଜୟ ଶତପଥୀ ପ୍ରମୁଖ ଯୋଗଦେଇ ସାମୂହିକ ଦାବି ହାସଲ ପାଇଁ ସଙ୍ଗଠନର ଆବଶ୍ୟକତା ଅଛି। ଏଣୁ ବର୍ତ୍ତମାନର ଯୁବପିଢ଼ି ଦିବଂଗତ ସଙ୍ଗଠକ ମାନଙ୍କ ତ୍ୟାଗ ଓ ଆଦର୍ଶକୁ ଅନୁସରଣ କଲେ ଭବିଷ୍ୟତରେ ଆନ୍ଦୋଳନ, ଅନଶନ ପାଇଁ ଏହା ଶକ୍ତିବର୍ଦ୍ଧକ ଭଳି କାମ କରିବ ବୋଲି କହିଥିଲେ। ନିର୍ବାହୀ ଅଧିକାରିଣୀ ବେଦମତୀ ନାୟକ ବିବରଣୀ ପାଠ ଓ କୁପାରୀ ନିର୍ବାହୀ ଅଧିକାରୀ ସୁଶାନ୍ତ ସ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନମଣ୍ଡି ଖୋଲିବାରେ ବିଳମ୍ବ ନେଇ ଅସନ୍ତୋଷ

ଜଳେଶ୍ୱର, ୧୮।୧୨(ନବୀନ ସାହୁ)

### ଜିଲାପାଳଙ୍କୁ ଦିଆଗଲା ଚିଠି

ଧାନମଣ୍ଡି ଖୋଲିବାରେ ବିଳମ୍ବ ହେବାରୁ ଧାର କରଜ କରିଥିବା ଚାଷୀ ଋଣ ଶୁଝିବା ପାଇଁ ପଶ୍ଚିମବଙ୍ଗ ବେପାରୀଙ୍କୁ କମ୍ ଦାମ୍‌ରେ କୁଇଣ୍ଟାଲ ପିଛା ୧୬୦୦ ଟଙ୍କାରେ ବିକୁଛନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବା ପାଇଁ ମିଳିଛି। ଜଳେଶ୍ୱର ବ୍ଲକ୍ ରାଇବଣିଆ ଏବଂ ମାକିଡିଆ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିବାରେ ବିଳମ୍ବ ହେବାରୁ ଗୁରୁବାର ବିଭିନ୍ନ ଦାବି ନେଇ ଚାଷୀମାନେ ମାକିଡ଼ିଆ ହାଟ ପଡ଼ିଆରେ ଏକ ବୈଠକ କରିଥିଲେ। ଏଥିରେ ଯତୀନ୍ଦ୍ର ନାଥ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଚିଠି କରାଯାଇଥିଲା। ସେଥିରେ ୭ଦିନ ମଧ୍ୟରେ ଧାନ ମଣ୍ଡି ଖୋଲିବାର ସୁବ୍ୟବସ୍ଥା, ସମସ୍ତ ପଞ୍ଜିକରଣ ଚାଷୀମାନଙ୍କର ଧାନ ଟୋକନ୍ ଅନୁସାରେ ଶତ ପ୍ରତିଶତ ସରକାରୀ ଧାର୍ଯ୍ୟ ମୂଲ୍ୟରେ କିଣାଯିବା, ଟୋକନ୍ ମୁତାବକ ସମବାୟ ସମିତିକୁ ଟାର୍ଗେଟ ଦିଆଯିବା, ଟୋକନ୍ ଅନୁସାରେ ହିସାବ କରି ଟାର୍ଗେଟ ସିଏସ୍‌ଓ ଧାର୍ଯ୍ୟ କରିବା ଆଦି ଅନ୍ତର୍ଭୁକ୍ତ। ବୈଠକରେ ଦିଲୀପ କୁମାର ସାମଲ, ଅଶୋକ କୁମାର ଚାନ୍ଦ, ଚନ୍ଦ୍ରମୋହନ କାପୁଡ଼ି, ଗୌତମ ସେନ, ଶ୍ୟାମସୁନ୍ଦର ଅଧିକାରୀ, ବାସୁଦେବ କୋଇଲା, ସୁଶାନ୍ତ ଘୋଷ, ରତିକାନ୍ତ ବାରିକ ଓ ପ୍ରଭାକର ଚାନ୍ଦ ପ୍ରମୁଖଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ।



ଧାନ ମଣ୍ଡି ଖୋଲିବା ନେଇ ବୈଠକ।

## ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ

ଖଇରା, ୧୮।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଣପୁର-ବାଉଁଶଗଡିଆ ହାଇସ୍କୁଲରେ ୧୯୯୨ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାବମୟ ପରିବେଶ ମଧ୍ୟରେ ୩୩ବର୍ଷ ତଳେ କାର୍ଯ୍ୟରତ ଗୁରୁମା ଗୁରୁଜୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ତତ୍କାଳୀନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା, ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ସୁରେନ୍ଦ୍ରନାଥ ବେହେରା, ନିକୁଞ୍ଜ କିଶୋର ଦାସ, ହରକିଶୋର ମହାରଣା, ବାବାଜୀ ଚରଣ ପଣ୍ଡା, ବର୍ତ୍ତମାନର ଶିକ୍ଷକ ରତ୍ନାକର ପଣ୍ଡା, କାହ୍ନୁଚରଣ ସେଠୀଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ସ୍ମୃତିପଦକ ଦେଇ ସମ୍ମାନିତ କରାଯାଇଥିଲା। ପ୍ରାକ୍ତନ ଛାତ୍ର ଗୌତମ ମହାରଣା ସଭା ପରିଚାଳନା କରିଥିବା ବେଳେ ଶିଶିର କୁମାର ଜେନା ଆଗାମୀ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ଭାରତୀ ନାୟକ ଗୁରୁବନ୍ଦନା ଗାନ ଏବଂ ବାସନ୍ତୀଲତା ଭୁଟିଆ, ଗୀତାଞ୍ଜଳି ନାୟକ, ଚଞ୍ଚଳାବାଳା ସାହୁ, ଅଶେଷ ବେହେରା, ମାଧବ ଦେଉରୀ, ଦୈତାରୀ ବେହେରା, ଜଗନ୍ନାଥ ପାତ୍ର, ମାୟାଧର ଦେହୁରୀ, ନର୍ମଦା ବେହେରା, ସନ୍ଧ୍ୟାରାଣୀ ସ୍ୱାଇଁ ଓ ସନ୍ଧ୍ୟାରାଣୀ ବେହେରା ସହଯୋଗ କରିଥିଲେ। ଉଷାରାଣି ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।




ପୁରାତନ ଛାତ୍ରୀଛାତ୍ରଙ୍କ ସହ ସମ୍ବର୍ଦ୍ଧିତ ଗୁରୁ ପ୍ରତିଭା।

## ସ୍ୱଦେଶୀ ସଙ୍କଳ୍ପ ପତ୍ରରେ ସାମୂହିକ ଶପଥ



ସାମୂହିକ ଭାବେ ଶପଥ ଗ୍ରହଣ ନେଉଛନ୍ତି।

ବାଲେଶ୍ୱର,୧୮।୧୨(ବାଞ୍ଛାନିଧି ଦେ)

### ଏଫ୍‌ଏମ୍‌ୟୁରେ ଆତ୍ମନିର୍ଭର ଭାରତ ଅଭିଯାନ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆତ୍ମନିର୍ଭର ଭାରତ ଅଭିଯାନ ଓ ସ୍ୱଦେଶୀ ସଙ୍କଳ୍ପ ପତ୍ର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମନିର୍ଭରତା ଓ ଦେଶୀୟ ବିକାଶକୁ ଆଧାର କରି ଜାତୀୟ ଦୃଷ୍ଟିକୋଣ ପ୍ରତି ସଚେତନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଦେଶୀୟ ସାମଗ୍ରୀର ବ୍ୟବହାର, ସ୍ଥାନୀୟ ଶିଳ୍ପକୁ ସମର୍ଥନ ଏବଂ ଆତ୍ମନିର୍ଭର ଭାରତ ଗଠନରେ ସକ୍ରିୟ ଭୂମିକା ନିମନ୍ତେ ସମସ୍ତେ ସ୍ୱଦେଶୀ ସଙ୍କଳ୍ପ ପତ୍ରରେ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ସାମୂହିକ ଭାବେ ଆତ୍ମନିର୍ଭର ଭାରତକୁ ଜନସାଧାରଣ ଭିତ୍ତିକ ଏକ ଆନ୍ଦୋଳନ ରୂପେ ଗ୍ରହଣ କରି ଦେଶର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଆଧାରକୁ ସୁଦୃଢ଼ କରିବାରେ ସଚେତନ ନାଗରିକତା, ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଦ୍ରବ୍ୟକୁ ଆପଣେଇବା, ନବୀନତା ଏବଂ ସ୍ଥାୟୀ ବିକାଶ ପାଇଁ ସ୍ଥାନୀୟ ଉତ୍ପାଦନଗୁଡ଼ିକର ଆବଶ୍ୟକତା ଓ ସ୍ୱୟଂ ନିର୍ଭରତା ଉପରେ ଧ୍ୟାନ ଦିଆଯାଇଥିଲା।

## ଆହାର କେନ୍ଦ୍ରରେ ଯୁବକଙ୍କଠାରୁ ବନ୍ଧୁକ ଜବତ

ସୋର, ୧୮।୧୨
(ଜନ୍ମେଜୟ ମିଶ୍ର)



ବାଲେଶ୍ୱର ଜିଲା ସୋର ଡାକ୍ତରଖାନା ନିକଟସ୍ଥ ଆହାର କେନ୍ଦ୍ରରେ ଗୁରୁବାର ଜଣେ ଯୁବକଙ୍କଠାରୁ ଏକ ବନ୍ଧୁକ ଜବତ ହୋଇଛି। ମଧ୍ୟାହ୍ନରେ ଆହାର କେନ୍ଦ୍ରରେ ଲୋକେ ଖାଉଥିବା ବେଳେ ଜଣେ ଯୁବକ ପାଖରେ ଗୋଟିଏ ବନ୍ଧୁକ ରଖି ଆସିଥିଲେ। କର୍ମଚାରୀମାନେ ଦେଖି ତାଙ୍କୁ ଧରି ବନ୍ଧୁକ ଛଡାଇ ରଖିଥିଲେ। ହେଲେ ସେ କୌଶଳକ୍ରମେ ଖସିଯାଇ ୧୦ଫୁଟ ଉଚ୍ଚତା ପାଚେରି ଡେଇଁ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ଗୋଡ଼ାଇ ଗୋଡ଼ାଇ ଉକ୍ତ ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ତାଙ୍କୁ ଆଣି ସ୍ଥାନୀୟ ସୋର ପୋଲିସକୁ ହସ୍ତାନ୍ତର କରିଛନ୍ତି। ଯୁବକଙ୍କ ଘର ସୋର ଥାନା ରୋଷ ଗ୍ରାମରେ। ଜବତ ବନ୍ଧୁକ ସୋର ଥାନାରେ ରଖାଯାଇଛି।

## ୪୦ ଫୁଟ ତଳକୁ ଖସିଲା ବୋଲେରୋ

### ୮ ଆହତ

ମୋରଡ଼ା,୧୮।୧୨(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଏକ ପୋଲରୁ ୪୦ ଫୁଟ ତଳକୁ ବୋଲେରୋ ଖସି ପଡିବା ଫଳରେ ୩ ଜଣ ଗୁରୁତର ହେବା ସହିତ ୫ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ,ବୁଧବାର ବିଳମ୍ବିତ ରାତିରେ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟର ଗୋପୀବଲ୍ଲଭପୁରରୁ ଏକ ବୋଲେରୋ ଯୋଗେ ୯ଜଣ ଲୋକେ ରାସଗୋବିନ୍ଦପୁର ଥାନା ଅଧୀନ ଖଟିଅଡା ଗ୍ରାମରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଆସୁଥିବା ବେଳେ କୌଣସି କାରଣ ବଶତଃ ନଳଗଜା ପୋଲରୁ ୪୦ ଫୁଟ ତଳକୁ ବୋଲେରୋଟି ଖସି ପଡିଥିଲା। ଫଳରେ ଗାଡ଼ିରେ ଥିବା ସତ୍ୟବାନ ବାବୁଲି, ରସନ ଦାସ, କ୍ରିଷ୍ଣା ବାଗ ଗୁରୁତର ହୋଇଥିବା ବେଳେ ପାଞ୍ଚ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ପିଏମ୍‌ଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/
ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୧୮।୧୨



ଖେଳକୁ ମଶାଲ ଜଳାଇ ଉଦଘାଟନ କରାଯାଉଛି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ତାପୁଣ୍ଡିଆସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବସ୍ତା ଏସ୍‌ଡ଼ିପିଓ ମାନସ ଦେଓ ମଶାଲ ଜଳାଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଡିଓ ବାଜେଲ ମାଝୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ବିଜୟ ଦେ, ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ସୁମନ୍ତ କୁମାର ଜେନା, ବିଦ୍ୟାଳୟ ପ୍ରତିଷ୍ଠାତା ରାମଚନ୍ଦ୍ର ପଣ୍ଡା, ସିଆର୍‌ସିସି ରାମଚନ୍ଦ୍ର ସାହୁ, ପରିଚାଳନା କମିଟି ସଦସ୍ୟ ରାକେଶ ରଞ୍ଜନ ଅଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ପରମାନନ୍ଦ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମାନଗୋବିନ୍ଦ ପ୍ରଧାନ, ରଞ୍ଜନ କୁମାର ନନ୍ଦୀ, ରାଧାକୃଷ୍ଣ ପଣ୍ଡା, ମାନଗୋବିନ୍ଦ ଦାସ, ଶିକ୍ଷୟିତ୍ରୀ ନମିତା ପାଢୀ, ଜ୍ୟୋତ୍ସ୍ନାରାଣୀ ଭୂୟାଁ ଓ ସୁମିତା ଗିରି ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ମହିଳାଙ୍କ ମୃତ୍ୟୁ

ଖଇରା, ୧୮।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ରଘୁନାଥପୁର ଗ୍ରାମର କାହ୍ନୁଚରଣ ବୈଶାଖୀଙ୍କ ସ୍ତ୍ରୀ ଯାଜ୍ଞସେନୀ ବେହେରା ଗୁରୁବାର ସକାଳେ ଗାଧୋଇବା ପାଇଁ ପାଣି ହିଟରରେ ପାଣି ଗରମ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଖଇରା ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାୟ ବର୍ଷେ ତଳେ ଯାଜ୍ଞସେନୀଙ୍କ ବିବାହ ହୋଇଥିଲା।

## ଗୁଳି ଫୁଟାଇ ଲୁଟିନେଲେ ଗହଣା ଭର୍ତ୍ତି ବ୍ୟାଗ

ଉଦଳା,୧୮।୧୨(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଥାନା ଅଞ୍ଚଳରେ ପୁଣି ଲଟେରା ଆତଙ୍କ ଦେଖିବାକୁ ମିଳିଛି। ଜଣେ ଗହଣା ଦୋକାନୀଙ୍କୁ ଦୁର୍ବୃତ୍ତମାନେ ରାସ୍ତାରେ ଅଟକାଇ ଦୁଇ ରାଉଣ୍ଡ ଗୁଳି ଫୁଟାଇ ଗହଣା ଭର୍ତ୍ତି ବ୍ୟାଗ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉଦଳା ବଜାରରେ ଗହଣା ଦୋକାନ କରିଥିବା ହରିଶ ରଣା କପ୍ତିପଦା ଥାନା ଶାଳଚୁଆ ସାପ୍ତାହିକ ହାଟକୁ ବେପାର ନିମନ୍ତେ ଯାଇଥିଲେ। ହାଟରେ ଦୋକାନ ବନ୍ଦ କରି ସନ୍ଧ୍ୟା ୬ଟା ୩୦ ସମୟରେ ଉଦଳା ଅଭିମୁଖେ ଫେରୁଥିବା ବେଳେ ସୋଲଗଡିଆ ଛକ ନିକଟରେ ୬ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ହରିଶଙ୍କ ବାଇକକୁ ଅଟକାଇ ଥିଲେ। ଜଣେ ଦୁର୍ବୃତ୍ତ ଦୁଇ ରାଉଣ୍ଡ ଗୁଳି ଫୁଟାଇଥିଲେ। ପରେ ଅନ୍ୟ ଦୁର୍ବୃତ୍ତମାନେ ହରିଶଙ୍କ ବାଇକ୍‌ରେ ଟଙ୍ଗା ଯାଇଥିବା ଗହଣା ଭର୍ତ୍ତି ବ୍ୟାଗ ଲୁଟି ନେଇ ଚାଲିଯାଇଥିଲେ। ଲୁଟ ଗହଣାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାଠ ବୋଝେଇ ଭ୍ୟାନ୍ ଜବତ, ଡ୍ରାଇଭର ଗିରଫ

ବାଲେଶ୍ୱର, ୧୮।୧୨(ବାଞ୍ଛାନିଧି ଦେ): ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସିନ୍ଧିଆ ବାସନ୍ତି ମଣ୍ଡପ ନିକଟରେ ବୁଧବାର ରାତିରେ ବନବିଭାଗ ପକ୍ଷରୁ ଚଢ଼ଉ କରାଯାଇ କାଠ ବୋଝେଇ ଭ୍ୟାନ୍‌କୁ ଜବତ କରାଯାଇଛି। ଡ୍ରାଇଭର ସଦର ଥାନା ଆକିନିଆ ଗ୍ରାମର ବୈକୁଣ୍ଠ ଗଣ୍ଡଙ୍କୁ ଗିରଫ କରାଯାଇଛି। ଏକ ମାମଲା ରୁଜୁ କରାଯାଇ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯାଇଛି। ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ଏଆର୍-୮୯୭୯) ରେ ୮୦ଖଣ୍ଡ ଆକାଶିଆ ଓ ନିମ୍ବ କାଠ ଯାଉଥିଲା। ଡିଏଫ୍‌ଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର ମନୁଅର ଖାଁଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ଇତିଶ୍ରୀ ମହାପାତ୍ର, ଫରେଷ୍ଟ ଗାର୍ଡ଼ ଶଶାଙ୍କ ଶେଖର ଯେନା, ସତ୍ୟବ୍ରତ ମଣ୍ଡଳ, ଶୁଭଙ୍କର ଦାସ ପ୍ରମୁଖ ସଦଳବଳେ ଚଢ଼ାଉ କରିଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

ନୀଳଗିରି,୧୮।୧୨
(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଉପଖଣ୍ଡ ସଦର ମହକୁମାରେ ଦୁଇଦିନିଆ ସାଂସଦ ଖେଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସ ତଥା ଦ୍ୱିତୀୟ ଦିନ ଖେଳ ମହୋତ୍ସବରେ ନୀଳଗିରି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ୧୬ଗୋଟି ଫୁଟ୍‌ବଲ ଦଳ, ୪ଟି କବାଡ଼ି, ୮ଟି ଭଲିବଲ୍ ଏବଂ ଗୋଟିଏ ବାଳିକା ଖୋ-ଖୋ, ଗୋଟିଏ ଶାରୀରିକ ଶିକ୍ଷା ଅନୁଷ୍ଠାନର ଶିକ୍ଷାର୍ଥୀ, କ୍ରୀଡ଼ାପ୍ରେମୀ, ମହାବିଦ୍ୟାଳୟସ୍ତରର ଛାତ୍ରୀଛାତ୍ର ଏବଂ କ୍ରୀଡ଼ା ଅନୁଷ୍ଠାନର ଶିକ୍ଷାର୍ଥୀମାନଙ୍କୁ ନେଇ ସମସ୍ତ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ସରିବା ପରେ ବିଜେତା ଦଳଙ୍କୁ ଟ୍ରଫି ଏବଂ ରନର୍ସଅପ୍‌ଙ୍କୁ କପ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧୀକ୍ଷକ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ବିଡିଓ ବିକ୍ରମ କେଶରୀ ପରିଡ଼ା, ସାମାଜିକ କର୍ମୀ ଚନ୍ଦ୍ର ଶେଖର ନନ୍ଦ, ସାମାଜିକ କର୍ମୀ ସବ୍ୟସାଚୀ ମହାପାତ୍ର, ଆଇନଜୀବୀ ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବକୁ ସାଂସଦ କ୍ରୀଡ଼ା ସଂଯୋଜକ ଦେବାଶିଷ ଆଚାର୍ଯ୍ୟ, ବ୍ଲକ କ୍ରୀଡ଼ା ସମ୍ପାଦକ ଆଜମ ମାର୍ଣ୍ଡି, କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ୧୦କି.ଗ୍ରା. ଗଞ୍ଜେଇ ଜବତ, ବେପାରୀ ଗିରଫ

ବାଲେଶ୍ୱର,୧୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ରୂପସା ଥାନା ବରହମପୁର ଛକ ନିକଟରୁ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ୧୦କି.ଗ୍ରା. ଗଞ୍ଜେଇ ଓ ଏକ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମନୋରଞ୍ଜନ ଘୋଷ। ସେ ବାଇକ୍ ଯୋଗେ ଗଞ୍ଜେଇ ନେଇ ଯାଉଥିବା ବେଳେ ଇନ୍ସପେକ୍ଟର ହରିହର ସିଂ, ସବ୍-ଇନ୍ସପେକ୍ଟର ଭବେଶ ଦାସ, ଏଏସ୍‌ଆଇ ଲମ୍ବୋଦର ମହାନ୍ତ ପ୍ରମୁଖ ଚଢ଼ାଉ କରି ଗିରଫ କରିବାରେ ସମର୍ଥ ହୋଇଥିଲେ। ମାମଲା (ନଂ. ୩୫୯/୨୫-୨୬) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ରାସ୍ତାରେ ହାତୀ, ଯାନବାହନ ଚଳାଚଳ ବାଧାପ୍ରାପ୍ତ

ବୈଶିଙ୍ଗା,୧୮।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା-ବଡ଼ସାହି ମୁଖ୍ୟ ରାସ୍ତାରେ ତିନି ଟିକିଆ ହାତୀପଲଙ୍କ ଚଳପ୍ରଚଳ ଯୋଗୁ ଗୁରୁବାର ସନ୍ଧ୍ୟା ସମୟରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବେତନଟୀ ରେଞ୍ଜ ଅନ୍ତର୍ଗତ ବଡାମପୁର ଜଙ୍ଗଲରୁ ଅନ୍ୟ ହାତୀପଲ ଙ୍କ ଠାରୁ ଅଲଗା ହୋଇ ତିନୋଟି ଦନ୍ତାହାତୀ ୧୮ ନଂ. ଜାତୀୟ ରାଜପଥ ଅତିକ୍ରମ କରି ଖିରିପଦା ଜଙ୍ଗଲ ଭିତରେ ଦିନ ତମାମ ଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ବୈଶିଙ୍ଗା ବନ ବିଭାଗର କର୍ମଚାରୀମାନେ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲେ। ସନ୍ଧ୍ୟା ୬ଟା ସମୟରେ ସେମାନେ ବୈଶିଙ୍ଗା ବଡ଼ସାହି ରାସ୍ତା ପାର୍ଶ୍ୱରେ ଅନେକ ସମୟ ଧରି ବିଚରଣ କରୁଥିଲେ। ବନ ବିଭାଗ ପକ୍ଷରୁ ଉଭୟ ପାର୍ଶ୍ୱରେ ଯାନବାହାନ ଚଳାଚଳ ପାଇଁ ବାରଣ କରାଯାଇଥିଲା । ତେବେ ରାସ୍ତା ଅତିକ୍ରମ କରି ଚୁଆପଦା ସଂରକ୍ଷିତ ଜଙ୍ଗଲକୁ ହାତୀପଲ ଚାଲିଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

